୨୦ ଅକ୍ଟୋବର ୨୦୦୬

ପ୍ରିୟ ପ୍ରଧାନମନ୍ତ୍ରୀ

ରାଷ୍ଟ୍ରୀୟ ଜ୍ଞାନ ଆୟୋଗଙ୍କ ସହିତ ଆପଣଙ୍କର ମିଟିଂରେ ଆପଣ ସର୍ବଦା ଗୋଟିଏ ସୋସାଇଟିର ଯୋଗଦାନର ମହତ୍ତ୍ୱ ଉପରେ ଗୁରୁତ୍ୱ ଦେଇ ଆସିଛନ୍ତି. ଯାହା ଜ୍ଞାନ ସମାଜର ମୂଳଦୁଆ ହେବ. ଏହା ଆମକୁ ଭାଷାର ଆବଶ୍ୟକତା ବିଷୟରେ ବିବେଚନା କରିବାକୁ ପ୍ରେରଣା ଦେଇଛି. କେବଳ ଅଧ୍ୟାପନାର ମାଧ୍ୟମ କିମ୍ବା ଯୋଗାଯୋଗ ଅଭିପ୍ରାୟରେ ନୁହେଁ ପରନ୍ତୁ ଏହାର ସଂସ୍ପର୍ଷରେ ଆସିବାର ନିଶ୍ଚିନ୍ତତାରେ ଉଦବୁଦ୍ଧ କରିଛି. ଅତଏବ ଆମେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛୁ ଯେ, ଇଂରାଜୀ ଭାଷା ଉପରେ ଆଧିପତ୍ୟ ଏବଂ ଇଂରାଜୀ ଭାଷା ପ୍ରତି ଅନୁରାଗ, ସମ୍ଭବତଃ ଉଚ୍ଚଶିକ୍ଷାଲାଭ, କର୍ମ ସଂସ୍ଥାନର ସମ୍ଭାବନା ଏବଂ ସାମାଜିକ ସୁଯୋଗ ପ୍ରାପ୍ତି ପାଇଁ ସୁନିଶ୍ଚିନ୍ତ ପ୍ରୟୋଜନ. ସ୍କୁଲ ଶିକ୍ଷା ପରିସମାପ୍ତି ପରେ ଯେଉଁମାନଙ୍କର ଇଂରାଜୀ ଭାଷା ଉପରେ ଆବଶ୍ୟକୀୟ ଜ୍ଞାନ ନଥାଏ ସେମାନେ ଉଚ୍ଚଶିକ୍ଷା ଜଗତରେ ପ୍ରତିବନ୍ଦୀ ହୋଇ ରୁହନ୍ତି. କାରଣ ଉଚ୍ଚଶିକ୍ଷା ଜଗତରେ ଅଧିକତ୍ତମ ଶିକ୍ଷାଦାନ ଇଂରଜୀରେ ହିଁ ହୋଇଥାଏ. ଯଦି ଏହା ନହୁଏ ତଥାପି ପ୍ରାୟ ସମସ୍ତ ବିଷୟବସ୍ତୁଗୁଡ଼ିକ, ପୁସ୍ତକମାନ ଏବଂ ପତ୍ରପତ୍ରିକାମାନ ଇଂରାଜୀରେ ପ୍ରାପ୍ତବ୍ୟ. ଯେଉଁମାନେ ଭଲ ଭାବରେ ଇଂରାଜୀ ଜାଣନ୍ତି ନାହିଁ ସେମାନଙ୍କ ପକ୍ଷରେ ଆମର ପ୍ରଧାନ ଶିକ୍ଷାନୁଷ୍ଠାନମାନଙ୍କରେ ଗୋଟିଏ ସ୍ଥାନ ପାଇବା ଦୁରୂହ ବ୍ୟାପାର ହୋଇଥାଏ. ଏହି ଅସୁବିଧା ପୁନଶ୍ଚ କର୍ମ ଜଗତରେ ମଧ୍ୟ ଦେଖାଯାଏ.

ଏହି ସତ୍ୟତା ଆମ ଲୋକମାନଙ୍କ ମଧ୍ୟରେ ଅଛି, ଯେଉଁମାନେ ଅନୁଭବ କରନ୍ତି ଯେ, ତଥ୍ୟ ଯୋଗାଇବାରେ ନିଶ୍ଚିତରୂପେ ଶ୍ରେଷ୍ଠ ଇଂରଜୀ ଭାଷାର ସାନ୍ନିଧ୍ୟ ଲାଭ ଉତ୍କୃଷ୍ଟତର ଜୀବନ ପାଇଁ ଏକ ସୁଯୋଗ. ମିଳୁଥିବା ସୂଚନା ଅନୁଯାୟୀ ମଧ୍ୟବିତ୍ତ କିମ୍ବା ନିମ୍ନ ମଧ୍ୟବିତ୍ତ ପରିବାରର ଆୟର ଅର୍ଦ୍ଧାଧିକ ଅର୍ଥ ଅପେକ୍ଷାକୃତ ଅଧିକ ବ୍ୟୟବହୁଳ ଇଂରାଜୀ ମିଡ଼ିୟମ୍ ସ୍କୁଲରେ ସେମାଙ୍କ ପିଲାମାନଙ୍କୁ ଶିକ୍ଷା ଦେବାରେ ଖର୍ଚ୍ଚ ହୋଇଥାଏ. ପିଲାମାନଙ୍କର ଏହିପରି ଶିକ୍ଷାର ସୁଯୋଗର ଅଗ୍ରଗଣ୍ୟତା ପ୍ରାୟ ପରିବାର ସ୍ୱାସ୍ଥ୍ୟସେବା ସଙ୍ଗେ ସମତୂଲ୍ୟ ଅଟେ. କିନ୍ତୁ ବହୁ ସଂଖ୍ୟକ ଲୋକଙ୍କର ଏହି ଉଦ୍ଦେଶ୍ୟ ସାଧନ ପାଇଁ ସମ୍ବଳର ଅଭାବ ଅଛି. ଏହାର ପରିଣାମ ବହି ସ୍କରଣୀୟ. ଆମେ ବିଶ୍ୱାସ କରୁଛୁ ଯେ ଅନ୍ତର୍ଭୁକ୍ତିକରଣ ଜନସାଧାରଣଙ୍କ ବ୍ୟବସ୍ଥା ଦ୍ୱାରା ହିଁ ସମ୍ଭବ.

ଏହି ଅବସ୍ଥାରେ କିଛି ବ୍ୟୋଙ୍ଗୋକ୍ତି ଅଛି. ଶତାଧିକ ବର୍ଷ ଧରି ଇଂରାଜୀ ଆମ ଶିକ୍ଷା ବ୍ୟବସ୍ଥାରେ ଅଛି. ତଥାପି ଇଂରଜୀ ବେଶୀଭାଗ ଯୁବ ସମାଜ ଠାରୁ ବହୁ ଦୂରରେ ଅଛି. ଯାହା ଖୁବ୍ ବଡ଼ ଧରଣର ଅସାମଞ୍ଜସ୍ୟତା ସୃଷ୍ଟି କରିଛି. ବାସ୍ତବିକ ବର୍ତ୍ତମାନ ମଧ୍ୟ ଇଂରଜୀ ଭାଷାକୁ ପ୍ରଥମ ଭାଷା ତ ଦୂରର କଥା ଏକ ଦ୍ୱିତୀୟ ଭାଷା ରୂପେ ଗ୍ରହଣ କରୁଥିବା ଆମ ଲୋକଙ୍କ ସଂଖ୍ୟା ଏକ ଶତାଂଶରୁ ବେଶିନୁହେଁ.

ଏହି ବାସ୍ତବିକତା ରାତାରାତି ପରିବର୍ତ୍ତନ ହୋଇ ପାରିବ ନାହିଁ. କିନ୍ତୁ ରାଷ୍ଟ୍ରୀୟ ଜ୍ଞାନ ଆୟୋଗ ବିଶ୍ୱାସ କରେ ଯେ, ଆମ ଲୋକଙ୍କୁ, ସାଧାରଣ ଲୋକଙ୍କୁ ସ୍କୁଲମାନଙ୍କରେ ଇଂରାଜୀକୁ ଗୋଟିଏ ଭାଷା ବୋଲି ଶିକ୍ଷା ଦେବାର ସମୟ ଆସିଛି. ଏବଂ ଆମେ ବୁଝୁଛୁ ଯେ, ବର୍ତ୍ତମାନଠାରୁ ଏହି ବିଷୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଆମେ ଗୋଟିଏ ଅନ୍ତର୍ନିବେଶ ସମାଜ ଗଠନ କରିପାରିବୁ ଏବଂ ଭାରତକୁ ଏକ ଜ୍ଞାନୀ ସମାଜରେ ପରିଣତ କରିପାରିବା. କେବଳ ବାର ବର୍ଷ ମଧ୍ୟରେ ଆମେ, ଆମର ସ୍କୁଲ ପରିତ୍ୟାଗ କରୁଥିବା ପିଲାମାନଙ୍କୁ

ଅଧିକ ସାମ୍ୟତା ଥିବା – ଉଚ୍ଚଶିକ୍ଷା ଦେଇପାରିବା ଏବଂ ତତ୍ପରେ ତିନି ରୁ ପାଞ୍ଚ ବର୍ଷ ମଧ୍ୟରେ ଅନେକ ଅଧିକ ସାମ୍ୟତା ଥିବା କର୍ମ ସଂସ୍ଥାନର ସୁଯୋଗ ଦେଇପାରିବା.

ଆମେ ଏହି ବିଷୟରେ ସରକାରୀ, ଶିକ୍ଷା, ସମ୍ବାଦ ଏବଂ ଶିଳ୍ପ କ୍ଷେତ୍ରେରେ ଥିବା ଅନେକ ଶ୍ରେଣୀର ଲୋକଙ୍କ ସହିତ ପରାମର୍ଶରେ ଲିପ୍ତ ଅଛୁ. କେତେକ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହିତ ଆମେ ପରାମର୍ଶ କରିଛୁ. ଆମେ ସଂସଦ ସଦସ୍ୟଙ୍କ ସହିତ ପରାମର୍ଶ କରିଛୁ. ଆମେ ଔଷଧ ଏବଂ ଆଇନ ବ୍ୟବସାୟୀଙ୍କ ସହିତ ମଧ୍ୟ ପରାମର୍ଶ କରିଛୁ. ସମସ୍ତେ ସେହି ଏକ ମତ ପୋଷଣ କରିଛନ୍ତି ଯେ, ଏହା ହୋଇପାରିବ ଏବଂ ହେବା ଉଚିତ୍. ଏହାକୁ ଏକ ଆକୃତିଗତ ଢାଞ୍ଚାକୁ ଆଣିବା ପାଇଁ ଆମେ ଏକ କାର୍ଯ୍ୟ ନିର୍ବାହୀ ଦଳ ଗଠନ କରିଛୁ. ଏହି ସଂଗଠନ ଦ୍ୱାରା ଦାଖଲ ହୋଇଥିବା ରିପୋର୍ଟ ଆମର ବିବେଚ୍ୟ ରୂପେ ଗୃହିତ ହୋଇଛି.

ରାଷ୍ଟ୍ରୀୟ ଜ୍ଞାନ ଆୟୋଗ ସୁପାରିସ କରେ ଯେ, ସ୍କୁଲରେ ପ୍ରଥମ ସୋପାନଠାରୁ ଇଂରାଜୀ ଭାଷାକୁ ପିଲାର ପ୍ରଥମ ଭାଷା – ମାତୃଭାଷା ବା ଆଞ୍ଚଳିକ ଭାଷା - ସହିତ ଶିକ୍ଷା ଦିଆଯିବା ଉଚିତ୍. ଏହି ପ୍ରକାର ଭାଷା ଶିକ୍ଷା ପିଲାର ବ୍ୟାକରଣ ଏବଂ ନିୟମରେ ସାମ୍ୟତା ରଖି ଏକ ଅର୍ଥପୂର୍ଣ୍ଣ ଶିକ୍ଷା ଅଭିଜ୍ଞତା ସୃଷ୍ଟି କରିବ.

ଆମେ ସ୍ୱୀକାର କରୁଛୁ ଯେ, ନଅଟି ରାଜ୍ୟ (ଏହା ମଧ୍ୟରୁ ଛଅଟି କେବଳ ଉତ୍ତର ପୂର୍ବରେ) ଏବଂ ତିନୋଟି କେନ୍ଦ୍ର ଶାସିତ ଅଞ୍ଚଳ ଇଂରାଜୀ ଭାଷାକୁ ପ୍ରଥମ ସୋପାନଠାରୁ ବାଧ୍ୟତାମୂଳକ ଆରମ୍ଭ କରିଛନ୍ତି. ଏହା ସହିତ ଆଉ ବାରଟି ରାଜ୍ୟ ଏବଂ ତିନୋଟି କେନ୍ଦ୍ର ଶାସିତ ଅଞ୍ଚଳ ଇଂରାଜୀ ଭାଷାକୁ ପଞ୍ଚମ ସୋପାନଠାରୁ ବିଭିନ୍ନ ସ୍ତରରେ ବାଧ୍ୟତାମୂଳକ ଚାଲୁ କରିଛନ୍ତି. ଯାହା ହେଉନା କାହିଁକି ଏହି ପ୍ରକ୍ରିୟା ଖୁବ୍ ମନ୍ଥର ଅଟେ. ଏହି ଇଂରାଜୀ ଭାଷା ଶିକ୍ଷା ଦେବାର ଗୁଣବତ୍ତା ସାଧାରଣତଃ ଉତ୍ତମ ନୁହେଁ. ଶିକ୍ଷକଙ୍କ ସଂଖ୍ୟା ଏବଂ ଶିକ୍ଷାର ଉପକରଣ ପର୍ଯ୍ୟାପ୍ତ କିମ୍ବା ଯଥାଯୋଗ୍ୟ ନୁହେଁ. ଆମେ ଗୋଟିଏ ମୌଳିକ ପରିବର୍ତ୍ତନର ସୁପାରିଶ କରୁଛୁ ଯାହା ସମଗ୍ର ଦେଶରେ ପ୍ରଥମ ସୋପାନଠାରୁ ଇଂରାଜୀ ଶିକ୍ଷା ଆରମ୍ଭ କରିବ. ଏହାଯେ କେବଳ ଗୋଟିଏ ନୂତନ ବିଷୟ ରୂପେ ରହିବ ତାହାନୁହେଁ, ଏହା ସ୍କୁଲର ନିର୍ଘଣ୍ଟ ପାଠ୍ୟ ବିଷୟ ମଧ୍ୟରେ ମିଶ୍ରିତ ହୋଇ ରହିବ.

ଏହି ଭାଷା ଶିକ୍ଷା ମୁଖ୍ୟ ଶିକ୍ଷାଠାରୁ ପୃଥକ କରାଯାଇ ପାରିବ ନାହିଁ. ପରନ୍ତୁ ମୁଖ୍ୟ ଶିକ୍ଷାରେ ନିଶ୍ଚିନ୍ତ ଭାବେ ମିଶ୍ରିତ ହୋଇ ରହିବ. ତେଣୁ ସାହିତ୍ୟ ବିଷୟ ବ୍ୟତିରେକେ ଅନ୍ୟ ମୁଖ୍ୟ ବିଷୟ ଶିକ୍ଷାରେ ମଧ୍ୟ ତୃତୀୟ ସୋପାନଠାରୁ ଇଂରାଜୀ ଭାଷା ବ୍ୟବହୃତ ହେବ. ଏହି ଉଦ୍ଦେଶ୍ୟ ସାଧନ ପାଇଁ ସ୍କୁଲରେ ବିଷୟଗୁଡ଼ିକ ବାଛିବା କାର୍ଯ୍ୟ ସ୍କୁଲମାନଙ୍କ ଉପରେ ନ୍ୟସ୍ତ କରାଯିବ। ସ୍କୁଲର ଶିକ୍ଷା ଉପକରଣ ଏବଂ ଶିକ୍ଷାମାନଙ୍କର ପରଦର୍ଶିତା ଉପରେ ନିର୍ଭର କରେ. ଏହା ଦ୍ୱାରା ବହୁମୁଖୀ ସ୍କୁଲ ପ୍ରତିଷ୍ଠା ହୋଇ ପାରିବ. ଏହା ମଧ୍ୟ ଇଂରାଜୀ ମିଡ଼ିୟମ୍ ସ୍କୁଲ୍ ଏବଂ ଆଞ୍ଚଳିକ ଭାଷା ସ୍କୁଲ ମଧ୍ୟରେ ଥିବା ତାରତମ୍ୟ ହ୍ରାସ କରିବାରେ ସାହାଯ୍ୟ କରିବ.

ଭାଷା ଶିକ୍ଷାର ଶିକ୍ଷା ବିଜ୍ଞାନ ଏବଂ ପଠନ ଉପଯୁକ୍ତ ଭାବରେ ଦୈନନ୍ଦିନ ଜୀବନରେ ପ୍ରାସଙ୍ଗିକ ହେବା ଆବଶ୍ୟକ. ବିଶେଷ ଭାବରେ କ୍ଷମତା ଅନୁସାରେ ମୂଲ୍ୟ ନିର୍ଦ୍ଧାରଣ ହେବା ଆବଶ୍ୟକ, ନଚେତ୍ ନିର୍ଦ୍ଧିଷ୍ଟ ସଫଳତା ସମ୍ମାନ ପାଇବାର ହକଦାର ହେବେନାହିଁ. ସର୍ବଶେଷରେ ଗୋଟିଏ ଜାତୀୟ ପରୀକ୍ଷା ସେବା (NTS) ହେବା ଆବଶ୍ୟକ ଯଦ୍ଦ୍ୱାରା ଆମେ ଇଂରାଜୀ ଭାଷାର ମୂଲ୍ୟାଙ୍କନ କରିବା ସଙ୍ଗେ ସଙ୍ଗେ ଭାଷା ଶିକ୍ଷକମାନଙ୍କୁ ଅବସ୍ଥାପିତ କରିପାରିବା.

ଏହି ଲକ୍ଷ ହାସଲ କରିବା ପାଇଁ ବା ଏହି ଆବଶ୍ୟକତା ପୂରଣ କରିବା ପାଇଁ ଇଂରାଜୀ ଭାଷାରେ ଜ୍ଞାନ ଆହରଣ କରିଥିବା ଇଂରାଜୀ ଗ୍ରାଜୁଏଟମାନଙ୍କୁ ଅଣ ତାଲିମ ପ୍ରାପ୍ତ ହୋଇଥିଲେ ମଧ୍ୟ ଏକ ଜାତୀୟ ଚୟନ ପ୍ରକ୍ରିୟା ଦ୍ୱାରା ନିୟୋଜନ କରି ସେମାନଙ୍କୁ ଏକ ଉତ୍କୃଷ୍ଟ ତାଲିମ ମାଧ୍ୟମରେ ଚୟନ କରାଯିବା ଉଚିତ୍. ଯେଉଁ ଶିକ୍ଷକମାନେ ପ୍ରାଥମିକ ଶିକ୍ଷାର ମେଙ୍ଗ ଧରିଛନ୍ତି ସେମାନଙ୍କୁ ଇଂରାଜୀ ଭାଷା ଅଧ୍ୟୟନ ପାଇଁ ତାଲିମର ଆବଶ୍ୟକତା ରହିଛି. ଶିକ୍ଷକମାନେ ପ୍ରଚଳିତ ନିୟମ ଅନୁସାରେ ଚାକିରୀ ପୂର୍ବରୁ ଏବଂ ଚାକିରୀ କାଳ ମଧ୍ୟରେ ତାଲିମ ପାଇ ଇଂରାଜୀ ଭାଷା ମାର୍ଜିତ ତଥା ନିର୍ଭୁଲ ଖସଡ଼ା ତିଆରି କରିବାର ଆବଶ୍ୟକତା ରହିଛି.

ଏକ ବହୁମୁଖୀ ଇଂରାଜୀ ପାଠ୍ୟ ପୁସ୍ତକ ଉପଲବ୍ଧ ହେବା ଉଚିତ ଯାହା ଦେଶରେ ଇଂରାଜୀ ଭାଷାର ପ୍ରସାରରେ ସାହାଯ୍ୟ ହେବ. ଏବଂ ଏହି ପୁସ୍ତକ ସବୁ ଶ୍ରେଣୀ ପାଇଁ ହେବା ଆବଶ୍ୟକ. ଏହି ପାଠ୍ୟ ପୁସ୍ତକ ପ୍ରସ୍ତୁତ କରିବା ପାଇଁ ବିଜ୍ଞ ଶିକ୍ଷକମାନଙ୍କ ନିୟୋଜନ କରିବାର ଆବଶ୍ୟକତା ରହିଛି ଯାହା ଇଂରାଜୀ ଶିକ୍ଷା ବିଜ୍ଞାନ ପାଠ୍ୟ ପୁସ୍ତକ ସବୁ ସ୍ତରରେ ପ୍ରଥମ ଶ୍ରେଣୀଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଏକ ପ୍ରଦର୍ଶନ ଯୋଗ୍ୟ ପାଠ୍ୟ ପୁସ୍ତକ ହେବ ଏବଂ ଓ୍ୱେବସାଇଡ୍‌ରେ ମୁକ୍ତ ଓ ଅବାଧରେ ମିଳିବା ଆବଶ୍ୟକ. ରାଜ୍ୟ ଶିକ୍ଷା ଗବେଷଣା ଏବଂ ତାଲିମ ପରିଷଦ (SCERT) ଏକ  ପାଠ୍ୟ ପୁସ୍ତକର ଏକ ଏଜେନ୍ସି ଚଳାଇ ପାରନ୍ତି ପାଠ୍ୟ ପୁସ୍ତକର ଅନୁଶିଳନୀ ପ୍ରାଞ୍ଜଳ ତଥା ଫଳପ୍ରଦ ଦେଶବାସୀଙ୍କ ପାଇଁ ହୋଇ ପାରିବାର ଆଶା କରାଯାଇ ପାରେ.

ଏକ ଦଳ ଯେ, ଭାଷା ପାଠ୍ୟକ୍ରମ ସିଧା ସଳଖ ସୂଚନା ଉପରେ ଚାଲି ପାରିବ ତାହା ନୁହେଁ. ଇଂରାଜୀ ଶିକ୍ଷା ପାଇଁ ଉପଯୁକ୍ତ ଶ୍ରେଣୀ ଶିକ୍ଷା ସହିତ ସିଡ଼ି, କ୍ୟାସେଟ୍ ଏବଂ ଉପକରଣର ଆବଶ୍ୟକତା ରହିଛି. ପ୍ରତ୍ୟେକ ଶ୍ରେଣୀରେ ବିଭିନ୍ନ ପୁସ୍ତକ ସଂଗ୍ରହ ମ୍ୟାଗାଜିନ୍ ଖବରକାଗଜ ଶୁଣିବା ଏବଂ ଦେଖିବା ପାଇଁ କ୍ୟାସେଟ୍, ପୋଷ୍ଟର ଇତ୍ୟାଦି ଲାଗିଥିବା ଆବଶ୍ୟକ. ଇଂରାଜୀ ଭାଷା ଶିକ୍ଷା ରେଡ଼ିଓ ଏବଂ ଦୂରଦର୍ଶନ ଚ୍ୟାନେଲ୍ ଦ୍ୱାରା ଦ୍ୱୀଭାଷୀ ମାଧ୍ୟମରେ ହେବା ଆବଶ୍ୟକ. ଜ୍ଞାନମଣ୍ଡଳଗୁଡ଼ିକ ବିଭିନ୍ନ ଆଲୋଚନା ମାଧ୍ୟମରେ ପରିବ୍ୟାପ୍ତ କରିପାରିଲେ ଭଲ. କେବଳ ଶ୍ରେଣୀ ଗୃହରେ ସୀମିତ ରଖିଲେ ହେବ ନାହିଁ. ଭାଷା ଶିକ୍ଷା ଅନୁଷ୍ଠାନ ତାର ଭିତ୍ତିଭୂମୀ ବ୍ୟାପକ ସମ୍ବଳ ଆବଶ୍ୟକ କରେ. କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ସମ୍ବଳର ବିଧି ବ୍ୟବସ୍ଥା ଏହି ଅଭିଯାନକୁ ଠିକଣା ଜାଗାରେ ପହଞ୍ଚି ପାରିବ.

ରାଜ୍ୟ ସରକାର ମଧ୍ୟ ଇଂରଜୀ ଶିକ୍ଷା ଅଭିଯାନରେ ସମାନ ଅଂଶଧନ ନେଇ ଏହାକୁ ମଜଭୁତ କରିବା ଉଚିତ୍. ଏଣୁ ଆମ୍ଭେ ପ୍ରସ୍ତାବ ଦେଉଛୁ ଯେ, ପ୍ରଧାନମନ୍ତ୍ରୀ ଏହି ବିଷୟରେ ଅନ୍ୟ ରାଜ୍ୟର ମୂଖ୍ୟମନ୍ତ୍ରୀମାନଙ୍କ ଦୃଷ୍ଟି ଆକର୍ଷଣ କରିବେ. ଇଂରାଜୀ ଶିକ୍ଷା ପାଇଁ ଏକ ବିଧିବଦ୍ଧ ଯୋଜନା ପ୍ରସ୍ତୁତ କରାଯିବ ଆଞ୍ଚଳିକ ଭାଷା ସହିତ ପ୍ରାଥମିକ ସ୍ତରରୁ ଆରମ୍ଭ କରାଯିବ. ବାରବର୍ଷ ଶେଷ ବେଳକୁ ପ୍ରତ୍ୟେକ ଛାତ୍ର ସ୍କୁଲ ଜୀବନ ଶେଷ ପରେ ଅତି କମରେ ଦୁଇଟି ଭାଷାରେ ଦକ୍ଷ ହୋଇଥିବ.

ଧନ୍ୟବାଦ ଏବଂ ଉଷ୍ମ ଅଭିବାଦନ,

ଶାମ୍ ପିଟ୍ରୋଡ଼ା

ସଭାପତି,

ରାଷ୍ଟ୍ରୀୟ ଜ୍ଞାନ ଆୟୋଗ

କପି – ମୁଖ୍ୟ ସଭାପତି, ଶ୍ରୀ ମଣ୍ଟେକ୍ ସିଂହ ଆହଲୱାଲିଆ, ଡେପୁଟୀ ଚେୟାରମ୍ୟାନ୍ ,ଯୋଜନା କମିଶନ